**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**

ବିଜ୍ଞପ୍ତି ନଂ 1794 (ଗୋପନୀୟ ବିଭାଗ) ତା 11.8.23 ରିଖ

**୨୦୨୫ ମସିହା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ରାଜ୍ୟର ସମସ୍ତ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ**

**On-Line Enrolment ନିମନ୍ତେ କାର୍ଯ୍ୟସୂଚୀ**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟତ୍ରୀ/ ବିଦ୍ୟାଳୟମୁଖ୍ୟମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ବର୍ତ୍ତମାନ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ତଥା ୨୦୨୫ ମସିହା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେବା ପାଇଁ ଯୋଗ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କ ନାମ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ପଞ୍ଜୀକୃତ ହେବ । ଏହି ପଞ୍ଜୀକରଣ ପ୍ରକ୍ରିୟା ଗତ ବର୍ଷ ପରି **ON-LINE** ମାଧ୍ୟମରେ ହେଉଥିବାରୁ ସମସ୍ତ ବିଦ୍ୟାଳୟ ମୁଖ୍ୟ, ସମ୍ପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହାୟତାରେ ଏହି କାର୍ଯ୍ୟକୁ ଶେଷ କରିବାକୁ ହେବ ।

୧. ପଞ୍ଜୀକରଣ କରିବାର ତାରିଖ ଓ ସମୟ – ପଞ୍ଜୀକରଣ (Deposit of Fee ଏବଂ Final Submission of form) ତା18/08/2023ରିଖ ଠାରୁ ଆରମ୍ଭ ହୋଇ ତା28/08/2023ରିଖ ରାତ୍ର ଘ.୧୧.୪୫ମି. ସୁଧା ସମ୍ପନ୍ନ ହେବ । ଏହି ଦିବସ ମାନଙ୍କରେ ଉକ୍ତ ପ୍ରକ୍ରିୟା ଅନବରତ (24 × 7) ଚାଲୁରହିବ ।

୨. ଫିସ୍ ଦାଖଲ – ପ୍ରତ୍ୟେକ ପିଲା ପାଇଁ ଟ୬୦.୦୦ଙ୍କା ହିସାବରେ ପଞ୍ଜୀକରଣ ଫିସ୍ Online ମାଧ୍ୟମରେ ଦାଖଲ କରାଯିବ । ସ୍କୁଲର Regular ଛାତ୍ରଛାତ୍ରୀଙ୍କ ସହିତ Quasi Regular ଛାତ୍ରଛାତ୍ରୀଙ୍କର ମଧ୍ୟ ପଞ୍ଜୀକରଣ ପ୍ରକ୍ରିୟା ଏହି ସମୟ ମଧ୍ୟରେ ଅନୁଷ୍ଠିତ ହେବ । Govt. ଏବଂ Govt. Aided ସ୍କୁଲମାନଙ୍କରେ SC/ ST ବର୍ଗର Regular ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ ନିମନ୍ତେ ମଧ୍ୟ କୌଣସି ଶୁଳ୍କ ଲାଗିବ ନାହିଁ ।

୩. ପଞ୍ଜୀକରଣ ସମ୍ପର୍କିତ Application Format, Instructions & Step By Step Instructions ମାଧ୍ୟମିକ ଶିକ୍ଷା ପରିଷଦର website i.e. **"www.bseodisha.ac.in"** ରେ ଉପଲବ୍ଧ ହେବ । ଏହି ନିର୍ଦ୍ଦେଶାବଳୀକୁ ଭଲ ଭାବେ ପଢ଼ିସାରି ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ କରିବେ । ପଞ୍ଜୀକରଣ କରିସାରିଲା ପରେ Descriptive Roll Sheetକୁ download କରି ସମ୍ପୃକ୍ତ ବୋର୍ଡର ଶାଖା କାର୍ଯ୍ୟାଳୟରେ ଦାଖଲ କରିବେ ।

୪. ଯେଉଁ ଛାତ୍ରଛାତ୍ରୀମାନେ ଏହି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନାମ ପଞ୍ଜୀକୃତ କରିପାରିନଥିବେ ସେମାନେ School Regular ବା Quasi Regular ହିସାବରେ ୨୦୨୫ ମସିହାରେ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେଇପାରିବେ ନାହିଁ । ଏହି କ୍ଷେତ୍ରରେ ସେମାନେ ପରିଷଦ ଦ୍ୱାରା ପରିଚାଳିତ Correspondence Courseରେ ନାମ ପଞ୍ଜୀକୃତ କରି ପରୀକ୍ଷା ଦେବାପାଇଁ ଯୋଗ୍ୟ ବିବେଚିତ ହେବେ ।

୫. ଯେଉଁ ବିଦ୍ୟାଳୟଗୁଡ଼ିକ Quasi Regular ହିସାବରେ ପରୀକ୍ଷା ଦେବା ପାଇଁ ଯୋଗ୍ୟ, ସେମାନଙ୍କୁ ବୋର୍ଡ ଶାଖା କାର୍ଯ୍ୟାଳୟର ଉପ ସମ୍ପାଦକ ମାନେ, ନିକଟବର୍ତ୍ତୀ ଏକ Recognised ସ୍କୁଲ ଦ୍ୱାରା ପଞ୍ଜୀକୃତ ହେବା ପାଇଁ ଲିଖିତ ନିର୍ଦ୍ଦେଶ ଦେବେ ।

୬. ନାମ ପଞ୍ଜୀକରଣ ପାଇଁ Link **"www.bseodisha.ac.in"** ରେ ଉପଲବ୍ଧ ହେବ ।

10/08/23
ସମ୍ପାଦକ

Memo No. 1795(4) (Exam.Conf.)Dt 11.08.23

Copy submitted to the Director, Secondary Education/Director, TE & SCERT/Director, OPEPA/Director, RMSA for information and necessary action.

10/08/23
Secretary,
B.S.E., Odisha,Cuttack

Memo No. 1796 (Exam.Conf.)Dt 11.08.23

Copy forwarded to the P.S. to Secretary to the Govt. Department of School & Mass Education, Odisha, Bhubaneswar for favour of kind information.

10/08/23
Secretary,
B.S.E., Odisha,Cuttack